This Question Paper consists of 25 questions and 11 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 25ଟି ପ୍ରଶ୍ନ ଅଛି ଏବଂ 11 ମୁଦ୍ରିତ ପୃଷ୍ଠା ଅଛି।

Roll No. / ରୋଲ୍ ନମ୍ବର | | | | | | | | | | | | |

Code No. / କୋଡ୍ ନମ୍ବର **65/S/A/OR**

Set / ସେଟ୍ **A**

ACCOUNTANCY
ହିସାବରକ୍ଷଣ ଶାସ୍ତ୍ର
(224-OR)

Day and Date of Examination ....
(ପରୀକ୍ଷା ତାରିଖ ଓ ଦିନ)

Signature of Invigilators 1. ....
(ନିରୀକ୍ଷକଙ୍କ ସ୍ୱାକ୍ଷର)

2. ....

***General Instructions* :**

1. Candidate must write his/her Roll Number on the first page of the Question Paper.
2. Please check the Question Paper to verify that the total pages and total number of questions contained in the Question Paper are the same as those printed on the top of the first page. Also check to see that the questions are in sequential order.
3. For the objective type of questions, you have to choose any **one** of the four alternatives given in the question, i.e., (A), (B), (C) or (D) and indicate your correct answer in the Answer-Book given to you.
4. All the questions including objective-type questions are to be answered within the allotted time and no separate time limit is fixed for answering objective-type questions.
5. Making any identification mark in the Answer-Book or writing Roll Number anywhere other than the specified places will lead to disqualification of the candidate.
6. Write your Question Paper Code No. 65/S/A/OR, Set A on the Answer-Book.
7. The Question Paper is bilingual. In case of doubt, the English version should be considered as authentic.

ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ସୂଚନା :

1. ଏହି ପ୍ରଶ୍ନ ପତ୍ରର ଉପରେ ଥିବା ଯଥା ସ୍ଥାନରେ ତୁମର ରୋଲ୍ ନମ୍ବର ଲେଖ। (ଗୋଟିଏ କୋଠରିରେ କେବଳ ଗୋଟିଏ ଅଙ୍କ ରହିବ)

2. ପ୍ରଶ୍ନ ପତ୍ର ପାଇବା କ୍ଷଣି ସେଥିରେ ଥିବା ମୋଟ ପୃଷ୍ଠା ସଂଖ୍ୟା ଏବଂ ମୋଟ ପ୍ରଶ୍ନ ସଂଖ୍ୟା ଏହି ପୃଷ୍ଠାର ଉପରେ ଲେଖା ଯାଇଥିବା ସଂଖ୍ୟା ସହ ଠିକ୍ ଅଛି କି ନାହିଁ ଦେଖିନିଅ। ପ୍ରଶ୍ନଗୁଡ଼ିକ କ୍ରମାନ୍ୱୟରେ ଅଛି କି ନାହିଁ ଦେଖ।

3. ବସ୍ତୁନିଷ୍ଠ ପ୍ରଶ୍ନରେ (A), (B), (C) ଓ (D) ଭାବେ ଚାରୋଟି ବିକଳ୍ପ ଉତ୍ତର ଅଛି। ସେଥି ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ତୁମକୁ ଦିଆଯାଇଥିବା ଉତ୍ତର ଖାତାରେ ଲେଖ।

4. ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକୁ ମିଶାଇ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କରିବାକୁ ହେବ ଏବଂ ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକର ଉତ୍ତର କରିବାପାଇଁ ଅଲଗା ସମୟ ଦିଆଯିବ ନାହିଁ।

5. ଉତ୍ତର ଖାତାରେ କୌଣସି ସଂକେତ ଲେଖିଲେ କିମ୍ବା ଦର୍ଶାଯାଇଥିବା ସ୍ଥାନ ବ୍ୟତୀତ ଅନ୍ୟ କେଉଁଠି ରୋଲ୍ ନମ୍ବର ଲେଖିଲେ ତୁମକୁ ଅଯୋଗ୍ୟ କରାଯିବ।

6. ଏହି ପ୍ରଶ୍ନପତ୍ରର ଉପରେ ଲେଖାଯାଇଥିବା କୋଡ୍ ନମ୍ବର 65/S/A/OR ସେଟ୍ [A] ତୁମକୁ ଦିଆଯାଇଥିବା ଉତ୍ତରଖାତାର ଯଥା ସ୍ଥାନରେ ଲେଖ।

7. ଏହି ପ୍ରଶ୍ନପତ୍ର ଦୁଇ ଭାଷାରେ ଉପଲବ୍ଧ। କୌଣସି ପରିସ୍ଥିତିରେ ସନ୍ଦେହ ହେଲେ ଇଂରାଜୀ ରୂପାନ୍ତରକୁ ମାନ୍ୟ ବିବେଚନା କରାଯିବ।

ACCOUNTANCY
ହିସାବରକ୍ଷଣ ଶାସ୍ତ୍ର
(224-OR)

Time : 3 Hours] [Maximum Marks : 100

ସମୟ : 3 ଘଣ୍ଟା] [ସର୍ବାଧିକ ମୂଲ୍ୟାଙ୍କ : 100

Note : (i) Answer **All** the questions.

(ii) Marks alloted for each question are indicated against it.

ସୂଚନା : (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ।

(ii) ପ୍ରତ୍ୟେକ ପ୍ରଶ୍ନର ଡାହାଣ ପାଖରେ ସେହି ପ୍ରଶ୍ନର ମୂଲ୍ୟାଙ୍କ ଦିଆଯାଇଛି।

1. "The business enterprise and its owners are separate" is the theme of

(A) convention of consistency

(B) business-entity concept

(C) convention of full disclosure

(D) dual-aspect concept 1

''ବ୍ୟବସାୟିକ ସଂସ୍ଥା ଓ ଏହାର ମାଲିକ ଦୁହେଁ ପୃଥକ ଅଟନ୍ତି'', ଏହା ନିମ୍ନମଧ୍ୟରୁ କାହାର ମୂଳ ବିଷୟବସ୍ତୁ ବା ଧାରଣା?

(A) ସମରୂପତା ପ୍ରଥା

(B) ବ୍ୟବସାୟିକ ସତ୍ତା (ଅସ୍ତିତ୍ୱ) ଅବଧାରଣା

(C) ପୂର୍ଣ୍ଣ ପରିପ୍ରକାଶର ପ୍ରଥା

(D) ଦ୍ୱିପକ୍ଷ ଅବଧାରଣା

2. Income received in advance ₹ 7,000. What effect will the transaction have on the accounting equation? 1

(A) Increase and decrease in asset

(B) Increase and decrease in liability

(C) Increase in asset and increase in liability

(D) Increase in liability and decrease in asset

₹ 7,000 ଅଗ୍ରୀମ ଆୟ ପ୍ରାପ୍ତ ହୋଇଅଛି। ଏହି ନେଣଦେଣ ହିସାବରକ୍ଷଣ ସମୀକରଣ ଉପରେ କ'ଣ ପ୍ରଭାବ ପକାଇବ?

(A) ପରିସମ୍ପତ୍ତିରେ ବୃଦ୍ଧି ଓ ହ୍ରାସ

(B) ଦାୟରେ ବୃଦ୍ଧି ଓ ହ୍ରାସ

(C) ପରିସମ୍ପତ୍ତିରେ ବୃଦ୍ଧି ଓ ଦାୟରେ ବୃଦ୍ଧି

(D) ଦାୟରେ ବୃଦ୍ଧି ଓ ପରିସମ୍ପତ୍ତିରେ ହ୍ରାସ

3. Which of the following is the book of original entry? 1

(A) Trial Balance

(B) Journal

(C) Ledger

(D) None of the above

ନିମ୍ନ ମଧ୍ୟରୁ କେଉଁଟି ମୂଳ ଅଭିଲେଖ ପୁସ୍ତକ?

(A) ଉଦ୍‌ବୃତ୍ତ (ତୌଲ) ପରୀକ୍ଷଣ ପତ୍ର

(B) ଜାବେଦା

(C) ଖତିଆନ

(D) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

4. Under which method of depreciation, the amount of depreciation goes on reducing year after year? 1

(A) Straight-line Method

(B) Diminishing Balance Method

(C) Both (A) and (B)

(D) None of the above

ମୂଲ୍ୟହ୍ରାସର କେଉଁ ପଦ୍ଧତିରେ ମୂଲ୍ୟହ୍ରାସର ମୂଲ୍ୟ ବର୍ଷ ପରେ ବର୍ଷ କମି କମି ଯାଉଥାଏ?

(A) ସରଳ ରୈଖିକ ପଦ୍ଧତି

(B) ହ୍ରାସମାନ ମୂଲ୍ୟ ପଦ୍ଧତି

(C) ଉଭୟ (A) ଏବଂ (B)

(D) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

5. Carriage inward is shown in the

(A) debit side of Trading Account

(B) debit side of Profit and Loss Account

(C) credit side of Trading Account

(D) credit side of Profit and Loss Account 1

ଅନ୍ତର୍ମୁଖୀ ଗାଡିଭଡା ନିମ୍ନୋକ୍ତ କେଉଁଥିରେ ଦର୍ଶାଯାଏ?

(A) ବ୍ୟାପାରିକ ହିସାବର ଦାୟୀ ସ୍ତମ୍ଭରେ

(B) ଲାଭ ଓ କ୍ଷତି ହିସାବର ଦାୟୀ ସ୍ତମ୍ଭରେ

(C) ବ୍ୟାପାରିକ ହିସାବର ଦାତା ସ୍ତମ୍ଭରେ

(D) ଲାଭ ଓ କ୍ଷତି ହିସାବର ଦାତା ସ୍ତମ୍ଭରେ

6. Which of the following is not included in Central Processing Unit (CPU)? 1

(A) Control Unit

(B) Memory Unit

(C) Arithmetic and Logic Unit

(D) Output Unit

ନିମ୍ନୋକ୍ତ ମଧ୍ୟରୁ କେଉଁଟି କେନ୍ଦ୍ରୀୟ ପ୍ରକ୍ରିୟାକରଣ ଏକକର ଅନ୍ତର୍ଭୁକ୍ତ ନୁହେଁ?

(A) ନିୟନ୍ତ୍ରଣ ଏକକ

(B) ସ୍ମୃତି ଏକକ

(C) ପାଟୀଗଣିତ ଏବଂ ତର୍କବିଦ୍ୟା ଏକକ

(D) ନିର୍ଗମ ଏକକ

7. State any *three* limitations of accounting. 3

ହିସାବ-ରକ୍ଷଣର ଯେକୌଣସି **ତିନୋଟି** ସୀମାବଦ୍ଧତା ଉଲ୍ଲେଖ କର।

8. What is transfer voucher? Give a specimen of transfer voucher. 3

ହସ୍ତାନ୍ତରଣ ଚିଠା କ'ଣ? ହସ୍ତାନ୍ତରଣ ଚିଠାର ଗୋଟିଏ ନମୂନା ଦର୍ଶାଅ।

9. Define *(a)* Trial Balance and *(b)* Suspense Account. 3

(କ) ଉଦ୍‌ବୃତ୍ତ (ତୌଲ) ପରୀକ୍ଷଣ ପତ୍ର ଏବଂ (ଖ) ଅନିଶ୍ଚିତ ହିସାବର ସଂଜ୍ଞା ଦିଅ।

10. Classify the following assets into fixed and current assets : 3

Cash in Hand; Debtors; Land and Building; Stock of Goods; Furniture; Plant and Machinery.

ନିମ୍ନଲିଖିତ ପରିସମ୍ପତ୍ତିଗୁଡ଼ିକୁ ସ୍ଥାୟୀ ଓ ଚଳନ୍ତି ପରିସମ୍ପତ୍ତି ଭାବରେ ବର୍ଗୀକରଣ କର :

ହସ୍ତସ୍ଥ ଅର୍ଥ, ଉଧାରକର୍ତ୍ତା ବା ଖାତକ, ସମ୍ପତ୍ତି ଓ କୋଠାବାଡି, ମହଜୁଦ୍ ମାଲ୍, ଆସବାବପତ୍ର, କାରଖାନା ଓ ଯନ୍ତ୍ରପାତି।

11. What do you mean by computerized accounting? 3

କମ୍ପ୍ୟୁଟରୀକୃତ ହିସାବରକ୍ଷଣ କହିଲେ ତୁମେ କ'ଣ ବୁଝ?

12. What is the meaning of Compound or Combined Journal Entries? Explain with an example. 4

ଯୌଗିକ ବା ସଂଯୁକ୍ତ ଜାବେଦା ପ୍ରବିଷ୍ଟିର ଅର୍ଥ କ'ଣ? ଉଦାହରଣ ସହ ବ୍ୟାଖ୍ୟା କର।

13. Explain the following types of errors with an example each : 4

(a) Compensating Errors

(b) Errors of Commission

(c) Errors of Omission

(d) Errors of Principles

ନିମ୍ନପ୍ରକାରର ଅଶୁଦ୍ଧିଗୁଡ଼ିକୁ ଗୋଟିଏ ଉଦାହରଣ ସହ ବ୍ୟାଖ୍ୟା କର :

(କ) କ୍ଷତିପୂରକ/ପରିପୂରକ ଅଶୁଦ୍ଧି

(ଖ) ଲେଖାଜନିତ ଅଶୁଦ୍ଧି

(ଗ) ଉହ୍ୟ (ଲୋପ) ଜନିତ ଅଶୁଦ୍ଧି

(ଘ) ନୀତିଗତ ଅଶୁଦ୍ଧି

14. Explain how accounting is useful to *(a)* government and *(b)* investors. 5

ହିସାବରକ୍ଷଣ (କ) ସରକାରଙ୍କ ପାଇଁ ଏବଂ (ଖ) ନିବେଶକର୍ତ୍ତାଙ୍କ ପାଇଁ କିଭଳି ଭାବେ ଉପଯୋଗୀ ବର୍ଣ୍ଣନା କର।

15. What is meant by 'convention of conservatism'? 5

'ରକ୍ଷଣଶୀଳତା ପ୍ରଥା' କହିଲେ କ'ଣ ବୁଝାଯାଏ?

16. From the following particulars, prepare a Purchases Returns Book of Bhalla Carpets, Jalandhar : 5

01.04.2018	Returned to Nirbhay Mills of Surat 100 pieces 2′×4′ shapes @ ₹ 400 per piece and 80 pieces 5′×8′ shapes @ ₹ 400 per piece
13.04.2018	Returned to B.B.N. Chemicals, Banaras 30 sceneries 3′×4′ shapes @ ₹ 900 per piece and 40 full cut skins @ ₹ 200 per piece
21.04.2018	Returned to Dilshad Carpets, Kolkata 70 foot mats 16″×24″ shapes @ ₹ 200 per piece (Trade discount 10%)

ନିମ୍ନପ୍ରଦତ୍ତ ବିବରଣୀରୁ ଜଳନ୍ଧରର ଭାଲ୍ଲା କାର୍ପେଟସ୍‌ଙ୍କର ଗୋଟିଏ କ୍ରୟ ଫେରସ୍ତ ପୁସ୍ତକ ପ୍ରସ୍ତୁତ କର :

01.04.2018	ନିର୍ଭୟ ମିଲ୍‌ସ, ସୁରଟକୁ 100 ଖଣ୍ଡ 2′×4′ ଆକାରର @ ₹ 400 ପ୍ରତିଖଣ୍ଡ ଏବଂ 80 ଖଣ୍ଡ 5′×8′ ଆକାରର @ ₹ 400 ପ୍ରତିଖଣ୍ଡ ଫେରସ୍ତ
13.04.2018	ବି.ବି.ଏନ୍. କେମିକାଲସ, ବନାରସ୍‌କୁ 30ଟି ସିନେରୀ 3′×4′ ଆକାରର @ ₹ 900 ପ୍ରତିଖଣ୍ଡ ଏବଂ 40ଟି ପୁରା କଟା ଚ଼ମଡା @ ₹ 200 ପ୍ରତିଖଣ୍ଡ ଫେରସ୍ତ
21.04.2018	ଦିଲ୍‌ସାଦ୍ କାର୍ପେଟ, କୋଲକାତାକୁ 70ଟି ପାପୋଛ 16″×24″ ଆକାରର @ ₹ 200 ପ୍ରତିଖଣ୍ଡ (ବାଣିଜ୍ୟିକ ରିହାତି 10%) ଫେରସ୍ତ

17. What is reserve? State any *three* general rules for creation of reserves. 5

ସଞ୍ଚୟ କ'ଣ? ସଞ୍ଚୟ ସୃଷ୍ଟି ନିମନ୍ତେ ଯେକୌଣସି **ତିନୋଟି** ସାଧାରଣ ନିୟମର ଉଲ୍ଲେଖ କର।

18. What is Tally? What are the uses of the following short-cut keys? 5

(a) F1
(b) F2
(c) F3
(d) F11

ଟାଲି କ'ଣ? ନିମ୍ନଲିଖିତ ସଂକ୍ଷିପ୍ତ 'କି' (keys)ଗୁଡ଼ିକର ଉପଯୋଗିତା କ'ଣ?

(କ) F1

(ଖ) F2

(ଗ) F3

(ଘ) F11

19. What do you mean by external and internal liabilities? Explain with examples. 6

ବାହ୍ୟ ଦାୟ ଓ ଆଭ୍ୟନ୍ତରୀଣ ଦାୟ କହିଲେ ତୁମେ କ'ଣ ବୁଝ? ଉଦାହରଣସହ ବ୍ୟାଖ୍ୟା କର।

20. Enter the following transactions in a petty-cashbook of Mr. Rajeswar : 6

		₹
01.05.2020	Imprest amount received	500
02.05.2020	Bought postage stamps	25
03.05.2020	Paid travelling expenses	78
07.05.2020	Paid for stationery	31
12.05.2020	Paid for courier	36
18.05.2020	Paid for cartage	59
25.05.2020	Paid for postage stamps	32
26.05.2020	Paid for stationery	42
31.05.2020	Paid for refreshment	75

ନିମ୍ନ ନେଣଦେଣଗୁଡ଼ିକ ମି. ରାଜେଶ୍ୱରଙ୍କ ଖୁଚୁରା ଅର୍ଥ ବହିରେ ପ୍ରବିଷ୍ଟ କର :

		₹
01.05.2020	ଅଗ୍ରୀମ (imprest) ରାଶି ପ୍ରାପ୍ତି	500
02.05.2020	ଡାକଟିକେଟ କ୍ରୟ	25
03.05.2020	ଗସ୍ତ ଖର୍ଚ୍ଚ	78
07.05.2020	ଷ୍ଟେସନାରୀ ଖର୍ଚ୍ଚ	31
12.05.2020	କୁରିଅର ସେବା	36
18.05.2020	ଗାଡ଼ିଭଡ଼ା	59
25.05.2020	ଡାକଟିକେଟ କ୍ରୟ	32
26.05.2020	ଷ୍ଟେସନାରୀ ଖର୍ଚ୍ଚ	42
31.05.2020	ଜଳଯୋଗ ଖର୍ଚ୍ଚ	75

21. State any *six* causes of disagreement in the balance of cashbook and passbook. 6

ଅର୍ଥବହି ବଳକା ଓ ପାଶବହି ବଳକା ମଧ୍ୟରେ ଅମେଳର ଯେକୌଣସି **ଛଅଗୋଟି** କାରଣ ଦର୍ଶାଅ।

22. What is ledger? What is the process of recording information in ledger? 6

ଖତିଆନ କ'ଣ? ଖତିଆନରେ ତଥ୍ୟ ଅଭିଲେଖନର ପ୍ରକ୍ରିୟାଗୁଡ଼ିକ କ'ଣ?

23. What are the *two* methods of providing depreciation? Give any *one* merit and *one* demerit of each. 6

ମୂଲ୍ୟହ୍ରାସର **ଦୁଇଟି** ପଦ୍ଧତି କ'ଣ? ପ୍ରତ୍ୟେକର **ଗୋଟିଏ** ଦୋଷ ଓ **ଗୋଟିଏ** ଗୁଣ ଦର୍ଶାଅ।

24. Define the term 'financial statements'. Write any *four* objectives of financial statements. 6

'ବିତ୍ତୀୟ ବିବରଣ'କୁ ବ୍ୟାଖ୍ୟା କର। ବିତ୍ତୀୟ ବିବରଣର ଯେକୌଣସି **ଚାରୋଟି** ଉଦ୍ଦେଶ୍ୟ ଉଲ୍ଲେଖ କର।

25. *(a)* Write any *two* points of difference between Trading Account and Profit & Loss Account. 4

(b) From the following balances, prepare Trading and Profit & Loss Account : 6

	₹		₹
Opening Stock	10,000	Factory Expenses	28,000
Purchases	34,000	Telephone Charges	2,000
Sales	70,000	Carriage Inward	5,000
Wages	12,000	Closing Stock	25,000
Salaries	18,000	Interest Received	1,000
General Expenses	6,000	Purchases Returns	2,000

(କ) 'ବ୍ୟାପାରିକ ହିସାବ' ଏବଂ 'ଲାଭ ଓ କ୍ଷତି ହିସାବ' ମଧ୍ୟରେ ଯେକୌଣସି **ଦୁଇଟି** ପ୍ରଭେଦ ଉଲ୍ଲେଖ କର।

(ଖ) ନିମ୍ନ ବଳକାରୁ ଗୋଟିଏ 'ବ୍ୟାପାରିକ ହିସାବ' ଏବଂ 'ଲାଭ ଓ କ୍ଷତି' ହିସାବ ତିଆରି କର :

	₹		₹
ଆଦ୍ୟ ସମ୍ଭାର	10,000	କାରଖାନା ଖର୍ଚ୍ଚ	28,000
କ୍ରୟ	34,000	ଟେଲିଫୋନ ଖର୍ଚ୍ଚ	2,000
ବିକ୍ରୟ	70,000	ଅନ୍ତର୍ମୁଖୀ ଗାଡ଼ିଭଡ଼ା	5,000
ମଜୁରୀ	12,000	ଅନ୍ତ୍ୟ ସମ୍ଭାର	25,000
ବେତନ	18,000	ପ୍ରାପ୍ତି ସୁଧ	1,000
ସାଧାରଣ ଖର୍ଚ୍ଚ	6,000	କ୍ରୟ ଫେରସ୍ତ	2,000

Or / କିମ୍ବା

From the following Trial Balance and adjustments, prepare Final Accounts : 10

Trial Balance as on March 31, 2023

Debit Balances	₹	*Credit Balances*	₹
Opening Stock	4,600	Capital	15,720
Purchase	16,980	Sundry Creditors	5,960
Sales Returns	2,300	Sales	42,600
Wages	4,920	Discount Received	1,200
Salaries	5,000	Purchases Returns	3,120
Rent	1,680		
Discount Allowed	1,180		
Printing	680		
Interest	700		
Building	12,000		
Office Equipment	1,400		
Sundry Debtors	2,850		
Cash in Hand	450		
Cash at Bank	10,860		
Drawings	3,000		
	68,600		68,600

Adjustments :

(i) Closing Stock—₹11,500

(ii) Depreciate Building @ 10% and Office Equipment @ 20%

(iii) Prepaid Rent—₹180

(iv) Outstanding Salaries—₹1,000

ନିମ୍ନ ଉଦ୍‌ବୃତ୍ତ ପରୀକ୍ଷଣରୁ ଓ ଦିଆଯାଇଥିବା ସମାଯୋଜନଗୁଡ଼ିକରୁ ଅନ୍ତିମ ହିସାବ ତିଆରି କର :

ଉଦ୍‌ବୃତ୍ତ ପରୀକ୍ଷଣ—ମାର୍ଚ୍ଚ 31, 2023

ଦାୟୀ ବଳକା	₹	*ଦାତା ବଳକା*	₹
ଆଦ୍ୟ ସମ୍ଭାର	4,600	ପୁଞ୍ଜି	15,720
କ୍ରୟ	16,980	ବିବିଧ ଉଧାର ଦାତା (ମହାଜନ)	5,960
ବିକ୍ରୟ ଫେରସ୍ତ	2,300	ବିକ୍ରୟ	42,600
ମଜୁରୀ	4,920	ପ୍ରାପ୍ତ ରିହାତି	1,200
ବେତନ	5,000	କ୍ରୟ ଫେରସ୍ତ	3,120
ଭଡ଼ା	1,680		
ପ୍ରଦତ୍ତ ରିହାତି	1,180		
ମୁଦ୍ରଣ ଖର୍ଚ୍ଚ	680		
ସୁଧ	700		
କୋଠାବାଡ଼ି	12,000		
କାର୍ଯ୍ୟାଳୟ ଯନ୍ତ୍ରପାତି	1,400		
ବିବିଧ ଉଧାର ଗ୍ରହୀତା (ଖାତକ)	2,850		
ହସ୍ତସ୍ଥ ଅର୍ଥ (ରୋକଡ)	450		
ବ୍ୟାଙ୍କରେ ଥିବା ଅର୍ଥ (ରୋକଡ)	10,860		
ଉଠାଣ	3,000		
	68,600		68,600

ସମାଯୋଜନ :

(i) ଅନ୍ତ୍ୟ ସମ୍ଭାର—₹11,500

(ii) କୋଠାବାଡ଼ିର ମୂଲ୍ୟହ୍ରାସ @ 10% ଓ କାର୍ଯ୍ୟାଳୟ ଯନ୍ତ୍ରପାତିର ମୂଲ୍ୟହ୍ରାସ @ 20%

(iii) ଅଗ୍ରୀମ ଦେୟ ଭଡା—₹180

(iv) ବକେୟା ବେତନ—₹1,000

★ ★ ★